The Odisha Gazette

EXTRAORDINARY

PUBLISHED BY AUTHORITY

No. 4300 CUTTACK, FRIDAY, OCTOBER 3, 2025/ASWINA 11, 1947

ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରି

ଘୋଷଣା।

ତାରିଖ ୨୫ ସେପ୍ଟେମ୍ବର ୨୦୨୫

ସଂଖ୍ୟା. ୬୩୧୬/୨୦୨୫—ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫ (୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨ (୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା କେନ୍ଦୁଗୁଡା, ଥାନା ମାଲକାନଗିରି, ତହସିଲ ମାଲକାନଗିରି, ଜିଲ୍ଲା ମାଲକାନଗିରିରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗିକରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୮୧/୨୦୨୩, ତା ୧୬ ଜୁନ ୨୦୨୩ ରିଖ ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା କେନ୍ଦୁଗୁଡା, ଥାନା ମାଲକାନଗିରି, ତହସିଲ ମାଲକାନଗିରି, ଜିଲ୍ଲା ମାଲକାନଗିରିର ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗିକରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇ ନାହିଁ । ଏହା ମଧ୍ୟ ଜିଲ୍ଲା ୱେବସାଇଟ www.malkangiri.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ଼ କରାଯାଇଅଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗିକରଣ ପ୍ରକଳ୍ପ ତଥା ତହସିଲଦାର, ମାଲକାନଗିରିଙ୍କ ତହସିଲ କାର୍ଯ୍ୟାଳୟ ମାଲକାନଗିରି, କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ-କ

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା ମାଲକାନଗିରି ତହସିଲ ମାଲକାନଗିରି

ଗ୍ରାମର ନାମ	ଗ୍ରାମାଞ୍ଚଳ/ ସହରାଞ୍ଚଳ	ଖାତା ନଂ.	ପ୍ଲଟ ନଂ.	କିସମ	ପ୍ଲଟର ମୋଟ ରକବା	ଅଧିଗ୍ରହଣ ହବାକୁଥିବା ଜମିର ରକବା	ରୟତଙ୍କ ନାମ
୧	୨	୩	୪	୫	୬	୭	୮
କେନ୍ଦୁଗୁଡା	ଗ୍ରାମାଞ୍ଚଳ	ଅଧିଗ୍ରହଣ ହେବାକୁ ଥିବା ଜମିର ସମ୍ପୂର୍ଣ୍ଣ ବିବରଣୀ ଏଥିସହ ସଂଲଗ୍ନ କରାଗଲା ।					

ଭୂମି ଅନୁସୂଚୀ

ମୌଜା କେନ୍ଦୁଗୁଡା, ଥାନା ମାଲକାନଗିରି ନଂ. ୭୪, ତହସିଲ ମାଲକାନଗିରି, ଜିଲ୍ଲା ମାଲକାନଗିରି

ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ

ଖାତା ନଂ.	ପ୍ଲଟ ନଂ.	ମୋଟ ରକବା	ଅଧିଗ୍ରହଣ ରକବା	କିସମ	ରୟତଙ୍କ ନାମ
୧	୨	୩	୪	୫	୬
୫୪	୨୯୫/୩	୦.୫୩୧	୦.୩୬୭	ଜଙ୍ଗଲ	ରାମ ଚନ୍ଦ୍ର ଖିଲ, ପି. ବୁଦୁ ଖିଲ, ଜାତି ଗାଦବା, ଗ୍ରାମ ଝାଟିକଗୁଡା ।
୧୮୪	୩୧୯/୩	୦.୬୪୨	୦.୫୩୮	ଜଙ୍ଗଲ	ଡମୁ ଶୁକ୍ରି ପି. ଦୟାନିଧି ଶୁକ୍ରି, ଜାତି ଭୂମିଆ, ଗ୍ରାମ କଦମ୍ବଗୁଡା ।
	୩୨୦/୨	୧.୪୮୨	୧.୨୭୫	ଜଙ୍ଗଲ	
	୩୨୨/୩	୧.୨୩୫	୦.୬୧୭	ଜଙ୍ଗଲ	
୧୮୩	୩୧୯/୨	୨.୦୦୧	୨.୦୦୧	ଜଙ୍ଗଲ	ଜଗବନ୍ଧୁ ଶୁକ୍ରି, ପି. ଡମୁ ଶୁକ୍ରି, ଜାତି ଭୂମିଆ, ଗ୍ରାମ କଦମ୍ବଗୁଡା ।
୧୮୫	୩୨୦/୩	୦.୭୪୧	୦.୭୪୧	ଜଙ୍ଗଲ	ଭଗବାନ ଖରା, ପି. ଗୋପିନାଥ ଖରା, ଜାତି ଭୂମିଆ, ଗ୍ରାମ କେନ୍ଦୁଗୁଡା ।
	ମୋଟ	୬.୬୩୨	୫.୫୩୯		

ତଫସିଲ-ଖ

(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନସୂଚୀ)

ଜିଲ୍ଲା ମାଲକାନଗିରି ତହସିଲ ମାଲକାନଗିରି

ଗ୍ରାମର ନାମ	ଗ୍ରାମାଞ୍ଚଳ/ ସହରାଞ୍ଚଳ	ଖାତା ନଂ.	ପ୍ଲଟ ନଂ.	କିସମ	ପ୍ଲଟର ମୋଟ ରକବା	ଅଧିଗ୍ରହଣ ହବାକୁ ଥିବା ଜମିର ରକବା	ରୟତଙ୍କ ନାମ
୧	୨	୩	୪	୫	୬	୭	୮
ପ୍ରଯୁଜ୍ୟ ନୁହେଁ							

ଅଧିସୂଚନା ବୈଧ ତାରିଖ : ଅଧିସୂଚନା ପ୍ରକାଶିତ ହେବାର ୩୦ ଦିନ ଠାରୁ ଛଅ ମାସ ମଧ୍ୟରେ

ଉକ୍ତ ଜମିରେ ସ୍ୱାର୍ଥ ଥିବା ବ୍ୟକ୍ତିବିଶେଷ ନିଜେ କିମ୍ବା ନିଜର ପ୍ରତିନିଧି କିମ୍ବା ଓକିଲ ଜରିଆରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରି ଠାରେ ତା. ୨୦୨୫ରିଖ ଦିବା ୧୧-୦୦ ଘଣ୍ଟିକା ସମୟରେ ଉପସ୍ଥିତ ହୋଇ ଜିଲ୍ଲାପାଳଙ୍କ ନିକଟରେ ନିଜର ସ୍ୱାର୍ଥ ସାବ୍ୟସ୍ତ କରିପାରିବେ ।

ରାଜ୍ୟପାଳଙ୍କ ଆଦେଶକ୍ରମେ

ସୋମେଶ କୁମାର ଉପାଧ୍ୟାୟ

ଜିଲ୍ଲାପାଳ

Printed and Published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 3510—173+4